ଓଡ଼ିଶାର ବନ୍ୟପ୍ରାଣୀ

ଓଡ଼ିଶାର ଭୌଗୋଳିକ କ୍ଷେତ୍ରଫଳ ୧୫୫, ୭୦୭ ବର୍ଗ କି.ମି. । ରେକର୍ଡ ଅନୁସାରେ ୫୨,୪୭୨ ବର୍ଗକି.ମି. ଅଞ୍ଚଳରେ ବନାଞ୍ଚଳ ଅଛି କିନ୍ତୁ ପ୍ରକୃତରେ ଭାରତ ବନ ସର୍ବେକ୍ଷଣର ରାଜ୍ୟ ବନ ରିପୋର୍ଟ (୧୯୯୯) ଅନୁସାରେ ୪୭,୦୩୩ ବର୍ଗ କି.ମି. ଅଞ୍ଚଳ ଜଙ୍ଗଲ ଦ୍ୱାରା ଆଚ୍ଛାଦିତ। ବନ୍ୟଜନ୍ତୁ ଏବଂ ତାଙ୍କର ବାସସ୍ଥଳୀକୁ ଯଥାର୍ଥ ସୁରକ୍ଷା ଦେବା ନିମନ୍ତେ ଭାରତ ବନ୍ୟଜନ୍ତୁ (ସୁରକ୍ଷା) ଆଇନ୍ ୧୯୭୨ ଅନ୍ତର୍ଗତ ୧୮ ଗୋଟି ଅଭୟାରଣ୍ୟ(ସଂରକ୍ଷଣସ୍ଥଳୀ) ଓଡ଼ିଶାରେ ରହିଛି । ତା ମଧ୍ୟରେ ଗହୀରମଥା (ସାମୁଦ୍ରିକ) ବନ୍ୟଜନ୍ତୁ ଅଭୟାରଣ୍ୟ, ଭିତରକନିକା ଜାତୀୟ ଉଦ୍ୟାନ, ଆଉ ଗୋଟିଏ ହେବାକୁ ଥିବା ପ୍ରସ୍ତାବିତ ଜାତୀୟ ଉଦ୍ୟାନ ରହିଛି ।

ଓଡ଼ିଶାର ସମଗ୍ର ବନାଞ୍ଚଳର ୧୦.୩୭% ଏହି ପଶୁ-ପକ୍ଷୀଙ୍କ ସୁରକ୍ଷିତ ଅଞ୍ଚଳ । ଏହି ସୁରକ୍ଷିତ ଅଞ୍ଚଳ ଓଡ଼ିଶାର ସମଗ୍ର ଭୌଗୋଳିକ ଅଞ୍ଚଳର ୪.୧% । ଏତଦ୍‌ବ୍ୟତୀତ ଏକ ବ୍ୟାଘ୍ର ସଂରକ୍ଷିତ କ୍ଷେତ୍ର (ଶିମିଳିପାଳ), ଏକ ଜୈବମଣ୍ଡଳ ସଂରକ୍ଷାଳୟ (ଶିମିଳିପାଳ), ଏକ ସୀମିତ ଅଞ୍ଚଳ (ଚିଲିକା), ଏକ ବନ୍ୟଜନ୍ତୁ ସଂରକ୍ଷାଳୟ (ବାଲିପଦର-ଭେଟନଇ), ଏକ ପ୍ରାଣୀ ବିଜ୍ଞାନ ଉଦ୍ୟାନ ଏବଂ ୮ଟି ହରିଣପାର୍କ (ଛୋଟ ଚିଡିଆଖାନା) ଗଢିତୋଳିବା ପାଇଁ ଉପରୋକ୍ତ ଜାଗାଗୁଡିକ ନିର୍ଣ୍ଣୟ କରାଯାଇଛି । ରାଜ୍ୟରେ ବିଦେଶୀ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ଅଣ୍ଡାଦେବା ପାଇଁ ତିନୋଟି ସମୁଦ୍ରକୂଳ ନିର୍ଣ୍ଣୟ ହୋଇଛି । ଏଠି ବିଶ୍ୱବିଦିତ ଚିଲିକା ହ୍ରଦସହ ଅନେକ ପ୍ରାକୃତିକ ହ୍ରଦ ରହିଅଛି । ଚିଲିକା ବର୍ତ୍ତମାନ 'ରାମସାର' ସ୍ଥାନରୂପେ ଚିହ୍ନିତ । ୧୯ଟି ପ୍ରଜାତିର ଉଭୟଚର, ୧୧୦ ପ୍ରଜାତିର ସରୀସୃପ (ଯାହା ମଧ୍ୟରେ ତିନି ପ୍ରକାର କୁମ୍ଭୀର ଅନ୍ତର୍ଭୁକ୍ତ), ୪୭୩ ପ୍ରଜାତିର ପକ୍ଷୀ ଓ ୮୬ ପ୍ରଜାତିର ସ୍ତନ୍ୟପାୟୀ ପ୍ରାଣୀ ଓଡ଼ିଶାରେ ଦେଖାଯାନ୍ତି । ଆଇୟୁସିଏନ୍ ରେଡ୍‌ଡାଟା ବହି ଅନୁସାରେ ଏମାନଙ୍କ ମଧ୍ୟରେ ୫୪ ଜାତିର ଲୋପ ପାଇଯାଉଥିବା ଜୀବ ଅନ୍ତର୍ଭୁକ୍ତ । ଏହି ୫୪ ମଧ୍ୟରେ ୧୭ ପ୍ରକାରର ସରୀସୃପ, ୧୫ ପ୍ରକାର ପକ୍ଷୀ ଏବଂ ୨୨ ଜାତିର ସ୍ତନ୍ୟପାୟୀ ପ୍ରାଣୀ ଅନ୍ତର୍ଭୁକ୍ତ । ଓଡ଼ିଶା ବ୍ୟାଘ୍ର ପରିଯୋଜନା (୧୯୭୨-୭୩), ସମନ୍ୱିତ କୁମ୍ଭୀର ଓ ସମୁଦ୍ର କଇଁଛ ପରି ଯୋଜନା (୧୯୭୫-୭୬), ହସ୍ତୀ ପ୍ରକଳ୍ପ (୧୯୯୧-୯୨), ଜଳଜ ପକ୍ଷୀ ପରିଯୋଜନା (୧୯୯୨-୯୩) ଏବଂ କୃଷ୍ଣମୃଗ ପରିଯୋଜନା (୧୯୯୪-୯୫) ପରି ଅନେକ ଗବେଷଣା ଓ ସଂରକ୍ଷଣ ପରିଯୋଜନା କାର୍ଯ୍ୟକରୀ ହେଉଛି ।

ଓଡ଼ିଶାର ଜାତୀୟ ଉଦ୍ୟାନ ଓ ବନ୍ୟପ୍ରାଣୀ ଅଭୟାରଣ୍ୟ

ଶିମିଳିପାଳ ଜାତୀୟ ବନ୍ୟପ୍ରାଣୀ ଅଭୟାରଣ୍ୟ

ଓଡ଼ିଶାର ମୟୂରଭଞ୍ଜ ଜିଲ୍ଲାରେ ଥିବା ଶିମିଳିପାଳ ତା'ର ଘନସବୁଜ ଜଙ୍ଗଲ, ପାହାଡ, ବ୍ୟାପ୍ତ ଉପତ୍ୟକା, ସବୁଜଭୂମି, ମାଳଭୂମି ଏବଂ ସମୃଦ୍ଧ ଜୈବବିବିଧତା ସହ ଏକ ବ୍ୟାଘ୍ର ସଂରକ୍ଷଣ ସ୍ଥଳ, ଏକ ଜାତୀୟ ଉଦ୍ୟାନ (ପ୍ରସ୍ତାବିତ), ଏକ ବନ୍ୟଜନ୍ତୁ ଅଭୟାରଣ୍ୟ, ଏକ ହସ୍ତୀ ଅଭୟାରଣ୍ୟ ଏବଂ ଏକ ଜୀବବିଜ୍ଞାନ ସଂରକ୍ଷଣ ସ୍ଥାନର ଗୌରବ ବହନ କରେ । ପ୍ରାକୃତିକ ସୌନ୍ଦର୍ଯ୍ୟ ପରିପୂର୍ଣ୍ଣ ଶିମିଳିପାଳ ଅଭୟାରଣ୍ୟ ରାଜ୍ୟ ତଥା ଦେଶର ସର୍ବ ବୃହତ ବିଷୁବ ମଣ୍ଡଳୀୟ ଜଙ୍ଗଲ । ସମୁଦ୍ର ପତନଠାରୁ ୧୧୬୫.୬ ମିଟର ଉଚ୍ଚରେ ଅବସ୍ଥିତ ମେଘାସନୀ ପର୍ବତ ଏହାର ଉଚ୍ଚତମ ଶୃଙ୍ଗ । ଏହି ପର୍ବତମାଳାର ସଂକୀର୍ଣ୍ଣ ଉପତ୍ୟକା ଦେଇ ବୁଢାବଳଙ୍ଗ, ଗଙ୍ଗାହାର, ସୋନ୍, ଦେଓ, ସଞ୍ଜ, ଖଇରୀ ଓ ହଣ୍ଡନ ଆଦି ନଦୀ ପ୍ରବାହିତ ।

ଏହିଠାରେ ଜାତୀୟ ଉଦ୍ଭିଦର ପ୍ରବାହ ଅଧିକ । ଓଡ଼ିଶାରେ ମିଳୁଥିବା ୧୦୭୬ ଶ୍ରେଣୀ ଉଦ୍ଭିଦ ମଧ୍ୟରେ ୯୪ ପ୍ରକାରର ଅର୍କିଡ୍ ଗଛ, ଜୀବଜନ୍ତୁଙ୍କ ବାସସ୍ଥାନ, ୪୨ ପ୍ରକାରର ସ୍ତନ୍ୟପାୟୀ ପ୍ରାଣୀ, ୨୩୧ ଜାତିର ପକ୍ଷୀ, ୨୯ ପ୍ରକାରର ସରୀସୃପ ଦେଖାଯାନ୍ତି । ମାଂସାଶୀ ଜୀବ ଭିତରେ ମହାବଳ ବାଘ, କଲରାପତ୍ରିଆ ବାଘ, ଜଙ୍ଗଲ ବିରାଡ଼ି, ବଳିଆ କୁକୁର ଓ ଗଧିଆ ରହନ୍ତି । ତୃଣଭୋଜି ମଧ୍ୟରେ ହାତୀ, ଗୟଳ, ସମ୍ବର, କୁଟୁରା, ହରିଣ, ଗୁରାଣ୍ଡି ଇତ୍ୟାଦି ଦେଖାଯାନ୍ତି । ବାର୍‌ହା, ବଜ୍ରକାପ୍ତା, ଝିଙ୍କ, କଇଁଛ, ଅଜଗର ଏବଂ ମଗର ଜାତୀୟ କୁମ୍ଭୀର ଏଠି ରହିଛନ୍ତି । ୧୯୯୮ ଗଣନା ଅନୁସାରେ ରାଜ୍ୟର ୧୯୪ଟି ବାଘ ମଧ୍ୟରୁ ଏଠାରେ ୯୮ ବାଘ ଅଛନ୍ତି । ୧୯୯୯ ମସିହା ଗଣନା ଅନୁସାରେ ଏଠାରେ ୫୬୫ଟି ହସ୍ତୀ ଅଛନ୍ତି । ଏହା ମଧ୍ୟରେ ଜୋରନ୍ଦା (୧୫୦ମି) ଓ ବରେହିପାଣି (୪୦୦ମି) ଜଳପ୍ରପାତ ରହିଛି । ଜୈବବିବିଧତା, ଭୌଗୋଳିକ ଓ ଜୈବମଣ୍ଡଳ ବିଶେଷତ୍ୱସମୃଦ୍ଧ ଶିମିଳିପାଳ ବୈଜ୍ଞାନିକ, ପ୍ରକୃତିପ୍ରେମୀ, ଛାତ୍ର ତଥା ପର୍ଯ୍ୟଟକମାନଙ୍କ ନିମନ୍ତେ ଏକ ଅନନ୍ୟ ପ୍ରମୋଦଦାୟକ ଲକ୍ଷ୍ୟସ୍ଥଳ ।

ଭିତରକନିକା ବନ୍ୟପ୍ରାଣୀ ଅଭୟାରଣ୍ୟ

ଭିତରକନିକା ବଣ୍ୟପ୍ରାଣୀ ଅଭୟାରଣ୍ୟ କେନ୍ଦ୍ରାପଡା ଜିଲ୍ଲାରେ ଅବସ୍ଥିତ । ଏହି ଉଦ୍ୟାନ ବ୍ରାହ୍ମଣୀ, ବୈତରଣୀ ଓ ଧାମରା ନଦୀର ତ୍ରିକୋଣ ଭୂମିରେ ଅବସ୍ଥିତ । ଏହା ୧୯୭୫ରେ ବନ୍ୟପ୍ରାଣୀ ଅଭୟାରଣ୍ୟ ଓ ୧୯୯୯ରେ ଜାତୀୟ ଉଦ୍ୟାନ ରୂପେ ଘୋଷିତ ହେଲା । ଜୈବ ବିବିଧତା ମଧ୍ୟରେ ୬୩ ପ୍ରକାରର ଲୁଣି ହେନ୍ତାଳ ଗଛ, ୨୧୭ ପ୍ରଜାତିର ପକ୍ଷୀ, ଅହିରାଜ, ଅଜଗର, ଗୋଖର, ତମ୍ପ ଇତ୍ୟାଦି ସାପ, ଘଡିଆଳ କୁମ୍ଭୀର (୨୦୦୦ ଗଣନା ଅନୁସାରେ ୧୦୯୮ଟି), ସାମୁଦ୍ରିକ ଗୋଧି, ବାଳିଆ, ଚିତ୍ତଳ ଆଦି ସ୍ତନ୍ୟପାୟୀ ପ୍ରାଣୀ ଦେଖାଯାନ୍ତି । ଏତଦ୍ ବ୍ୟତୀତ ଧଳାକୁମ୍ଭୀର ବା ଶଙ୍ଖୁଆ ଏଠାରେ ଦେଖାଯାନ୍ତି । ଶୀତଦିନେ(ଜାନୁଆରୀ-ଅପ୍ରେଲ୍) ଏହାକୁ ଲାଗିଥିବା ସମୁଦ୍ରକୂଳକୁ ଅଣ୍ଡାଦେବା ପାଇଁ ଲକ୍ଷ ଲକ୍ଷ ସଂଖ୍ୟାରେ ବିଦେଶୀ ଅଲିଭ୍ ରିଡ୍‌ଲେ କଇଁଛ ଆସନ୍ତି । ଭିତରକନିକା ହେନ୍ତାଳବଣ ସରୀସୃପଙ୍କ ପାଇଁ ଭାରତର ଉତ୍କୃଷ୍ଟ ଆଶ୍ରୟସ୍ଥଳ ।

ସାତକୋଶିଆ ଗଣ୍ଡ ବନ୍ୟପ୍ରାଣୀ ଅଭୟାରଣ୍ୟ

ଓଡ଼ିଶାର ଅନ୍ୟତମ ଆକର୍ଷଣ ସାତକୋଶିଆ ଗଣ୍ଡ ବଣ୍ୟପ୍ରାଣୀ ଅଭୟାରଣ୍ୟ - ଅନୁଗୁଳ, ନୟାଗଡ, କଟକ ଓ ବୌଦ୍ଧ ଜିଲ୍ଲାର କିଛି ଅଂଶକୁ ନେଇ ଗଠିତ । ୭୯୫, ୫୨ବର୍ଗ କି.ମି. ପରିବେଷ୍ଟିତ ଅଭୟାରଣ୍ୟ ଭିତରେ ମହାନଦୀ କୃତ ସାତକୋଶିଆ ଗଣ୍ଡର ଦୈର୍ଘ୍ୟ ହେଉଛି ସାତକୋଶ ବା ୨୨କି.ମି. । ସାତକୋଶିଆ ଗଣ୍ଡକୁ ଲାଗି ସାତକୋଶିଆ ଅଭୟାରଣ୍ୟ । ଏହାର ମୁଖ୍ୟ ଆକର୍ଷଣ ହେଉଛି ଘଡିଆଳ କୁମ୍ଭୀର । କୁମ୍ଭୀର ବ୍ୟତୀତ ବାଘ, ଭାଲୁ, ଟପବାଘ, ଗୟଳ ଓ ଅନ୍ୟାନ୍ୟ ସରୀସୃପ ଏହି ଅଭୟାରଣ୍ୟର ଆକର୍ଷଣ । ଏହା ଓଡ଼ିଶାର ଏକ ବ୍ୟାଘ୍ର ପ୍ରକଳ୍ପ ଓ କେନ୍ଦ୍ର ସରକାରଙ୍କ ହସ୍ତୀ ପ୍ରକଳ୍ପର ଅନ୍ତର୍ଭୁକ୍ତ । ସାତକୋଶିଆ ଗଣ୍ଡ, ଟିକରପଡା ଘଡିଆଳ ଗବେଷଣା ଓ ସଂରକ୍ଷଣ ପ୍ରକଳ୍ପ, ପର୍ବତମାଳା ଓ ନୌବିହାର ଏହାର ପ୍ରମୁଖ ଆକର୍ଷଣ ।

ହଦଗଡ ଅଭୟାରଣ୍ୟ

କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର କିଛି ସ୍ଥାନକୁ ନେଇ ହଦଗଡ ଅଭୟାରଣ୍ୟ । ଏହା ସାଳନ୍ଦି ଡ୍ୟାମ୍ ନିକଟରେ ଅବସ୍ଥିତ । ଏହି ଅଭୟାରଣ୍ୟରେ ବାଘ, ଚିତାବାଘ, ମାଛଧରା ବିଲେଇ, ଜଙ୍ଗଲୀ ବିଲେଇ, ହେଟାବାଘ, ହାତୀ, ମାଙ୍କଡ ଓ ବିଭିନ୍ନ ସରୀସୃପ ଓ ପକ୍ଷୀ ଦେଖାଯାନ୍ତି । ଏହି ଅଭୟାରଣ୍ୟର ପୂର୍ବରେ ଥିବା ବଉଳ ପର୍ବତାଞ୍ଚଳ ଓ ପଶ୍ଚିମରେ ପ୍ରବାହିତ ସାଳନ୍ଦୀ ନଦୀ ମୁଖ୍ୟ ଆକର୍ଷଣ ।

ନନ୍ଦନକାନନ ପ୍ରାଣୀ ଉଦ୍ୟାନ

ଓଡ଼ିଶା ରାଜଧାନୀ ଭୁବନେଶ୍ୱରରୁ ମାତ୍ର ୧୫ କି.ମି. ଦୂରରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଅବସ୍ଥିତ । ଏହା ମଧ୍ୟରେ ଚିଡିଆଖାନା ଓ ଉଦ୍ଭିଦ ଉଦ୍ୟାନ ରହିଅଛି । ନନ୍ଦନକାନନର ଅର୍ଥ ସ୍ୱର୍ଗର ବଗିଚା । ଏଠି ପୃଥିବୀର ସବୁଠାରୁ ବଡ ଓ ବିରଳ ଧଳାବାଘ ପ୍ରଜନନ କେନ୍ଦ୍ର ଅଛି । ନନ୍ଦନକାନନ ୧୯୬୦ରେ ଆରମ୍ଭ ହୋଇଥିଲା ଏବଂ ୧୯୭୯ରେ ସର୍ବସାଧାରଣଙ୍କ ପାଇଁ

ଖୋଲାଯାଇଥିଲା । ଏଠି ଏକ ଖୋଲା ସିଂହ ସଫାରୀ ଅଛି । ଏହା ବିଶ୍ୱର ପ୍ରଥମ ଚିଡ଼ିଆଖାନା ଯେଉଁଠି ଘଡ଼ିଆଳ କୁମ୍ଭୀରମାନେ ପ୍ରଜନନ କରନ୍ତି । ବିଭିନ୍ନ ପ୍ରକାରର ବିରଳ ଜୀବଜନ୍ତୁ, ନୌବିହାର, ହ୍ରଦ ଉପରେ ରୋପ୍‌ୱେ ଏହାର ପ୍ରମୁଖ ଆକର୍ଷଣ ।

ବାଇଶିପାଲି ଅଭୟାରଣ୍ୟ

ଏହା ନୟାଗଡ ଜିଲ୍ଲାରେ ଅବସ୍ଥିତ ଓ ସାତକୋଶିଆ ଗଣ୍ଡ ନିକଟବର୍ତ୍ତୀ ଅଟେ । ଏଠାରେ ମଧ୍ୟ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ ପରି ବନ୍ୟପ୍ରାଣୀ ପରିଦୃଷ୍ଟ ହୁଅନ୍ତି । ନିକଟବର୍ତ୍ତୀ ଜଙ୍ଗଲର ସବୁଜିମା ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବୃଦ୍ଧି କରିଥାଏ ।

କୋଟଗଡ ଅଭୟାରଣ୍ୟ

କନ୍ଧମାଳ ଜିଲ୍ଲାର ବାଲିଗୁଡା ଉପଖଣ୍ଡରେ ଅବସ୍ଥିତ ଏହି କୋଟଗଡ ଅଭୟାରଣ୍ୟ ଜୈବ ବିବିଧତାରେ ସମୃଦ୍ଧ । ଏଠାରେ ବାଘ, ହାତୀ, ଗୟଳ, ସମ୍ବର, ଚିତ୍ରିତ ହରିଣ, ମୟୂର, କୋକିଶିଆଳି ଓ ବିଭିନ୍ନ ପ୍ରକାରର ସରୀସୃପ ଓ ପକ୍ଷୀ ଦେଖାଯାନ୍ତି । ସବୁଜିମାଭରା ଘଞ୍ଚ ବନମାଳା ସହିତ ଶାନ୍ତ ଚିତ୍ରିତ ସୌନ୍ଦର୍ଯ୍ୟ ଏହାର ପ୍ରମୁଖ ଆକର୍ଷଣ । ବେଲଘରଠାରେ ଥିବା କାଠ ବଙ୍ଗଳା ପ୍ରକୃତିପ୍ରେମୀଙ୍କୁ ଆକର୍ଷିତ କରାଏ ।

ଚନ୍ଦକା–ଡମପଡା ଅଭୟାରଣ୍ୟ

ଚନ୍ଦକା–ଡମପଡା (୧୭୫.୭୯ ବର୍ଗ କି.ମି.) ଅଭୟାରଣ୍ୟ ଓଡ଼ିଶାର ମନ୍ଦିରମାଳିନୀ ସହର ଭୁବନେଶ୍ୱରଠାରୁ ୨୦ କିଲୋମିଟର ଦୂରରେ ଅବସ୍ଥିତ । ଏଠାରେ କୋଚିଲା, ବେଲ, କାଙ୍କଡା, ସୁନାରି, ଶାଳ, କୁମ୍ଭ, କରଞ୍ଜ, ଜାମୁ, ବେତ ଇତ୍ୟାଦି ଗଛ ଦେଖାଯାନ୍ତି । ଔଷଧୀୟ ଗଛ ମଧ୍ୟରେ ଦୁରମାରୀ, ଭୁଇଁନିମ୍ବ, ଶତାବରୀ, ଇନ୍ଦ୍ରଜବ, ଅପମାରଙ୍ଗ, ପାତାଳ ଗରୁଡ ଇତ୍ୟାଦି ମିଳେ । ଏହି ବନାଞ୍ଚଳ ୮୩ଟି ହାତୀଙ୍କ ସମେତ ଏକାଧିକ ଚିତାବାଘ, ହେଟାବାଘ, ବଣୁଆ କୁକୁର, ବାରହା, ମୟୂର ଆଦିଙ୍କୁ ଉପଯୁକ୍ତ ବାସସ୍ଥାନ ଯୋଗାଏ । ଏଠି ଦୁଇଟି ଜଳଭଣ୍ଡାର ଅଛି– ଡେରାସବନ୍ଧ ଓ ଝୁମୁକା ବନ୍ଧ । ବେୟ ବନ୍ୟାଜଳ ସଂରକ୍ଷଣର ଜ୍ୱଳନ୍ତ ଉଦାହରଣ । ଡେରାସ୍‌ଠାରେ ଥିବା ବାଉଁଶ କୁଟୀରଗୁଡ଼ିକ ଚନ୍ଦକା ଅଭୟାରଣ୍ୟର ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟ ଦର୍ଶନର ସୁଯୋଗ ଦିଏ ।

ଖଳାସୁଣୀ ଅଭୟାରଣ୍ୟ

୨୨୩ରୁ ୭୫୦ ମିଟର ପର୍ଯ୍ୟନ୍ତ ପରିବ୍ୟାପ୍ତ ଖଳାସୁଣୀ ଅଭୟାରଣ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ ଏବଂ ବାଘ, ହାତୀ, ସମ୍ବର, ଓ ବିଭିନ୍ନ ପ୍ରଜାତିର ହରିଣ ଏବଂ ପକ୍ଷୀ ଦେଖାଯାଆନ୍ତି । ପ୍ରକୃତିପ୍ରେମୀ ଓ ପର୍ଯ୍ୟଟକମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ସ୍ଥାନ

ବାଲୁଖଣ୍ଡ–କୋଣାର୍କ ଅଭୟାରଣ୍ୟ

ପୁରୀ–କୋଣାର୍କ ସମୁଦ୍ରତଟରେ ଏହା ଅବସ୍ଥିତ । କାଜୁ, ନିମ୍ବ, ତେନ୍ତୁଳି, କରଞ୍ଜ ଇତ୍ୟାଦି ବୃକ୍ଷ ଆଚ୍ଛାଦିତ ଏହି ଜଙ୍ଗଲରେ କୃଷ୍ଣସାର ମୃଗ, ଚିତ୍ରା ହରିଣ ସମେତ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ଓ ସରୀସୃପ ଦେଖାଯାଆନ୍ତି । ଏହି ଅଭୟାରଣ୍ୟର ପ୍ରବେଶ ସ୍ଥାନରୁ ମାତ୍ର ୩ କିଲୋମିଟର ଦୂରରେ ପୁରୀ ଅବସ୍ଥିତ ।

କୁଳଡିହା ଅଭୟାରଣ୍ୟ

ଏହି ଅଭୟାରଣ୍ୟ ବାଲେଶ୍ୱର ଜିଲ୍ଲାରେ ଅବସ୍ଥିତ । ଜଙ୍ଗଲ ଆଚ୍ଛାଦିତ ଏହି ଅଭୟାରଣ୍ୟରେ ଏକ ମନୋରମ ଝରଣା ପ୍ରବାହିତ । ଏଠାରେ ବାଘ, ହାତୀ, ସମ୍ବର ଇତ୍ୟାଦିଙ୍କ ସମେତ ବିଭିନ୍ନ ପ୍ରଜାତିର ପଶୁପକ୍ଷୀ ଓ ସରୀସୃପ ଦେଖାଯାଆନ୍ତି । ସୁଖୁପଡା ଓ ନାଟୋ ପାର୍ବତ୍ୟାଞ୍ଚଳ ମଧ୍ୟ ଦେଇ ଏହି ଅଭୟାରଣ୍ୟର ଶିମିଳିପାଳ ସହ ସଂଯୋଗ ରହିଛି ।

ଡେବ୍ରିଗଡ ଅଭୟାରଣ୍ୟ

ସମୃଦ୍ଧ ବନ୍ୟପ୍ରାଣୀ ହୀରାକୁଦ ନଦୀବନ୍ଧ ଏବଂ ଆକର୍ଷଣୀୟ ବିଶେଷତ୍ୱରେ ଭରା ଏହି ଡେବ୍ରିଗଡ ବନ୍ୟପ୍ରାଣୀ ଅଭୟାରଣ୍ୟ । ଶୀତଋତୁରେ ହୀରାକୁଦ ନଦୀବନ୍ଧର ଆକର୍ଷଣରେ ଅସଂଖ୍ୟ ବିଦେଶାଗତ ପକ୍ଷୀମାନଙ୍କ ସମାଗମ ହୋଇଥାଏ । ଏହି ଜଙ୍ଗଲ ହେଉଛି ଚୌରାଶିଂଘା ଜାତୀୟ ପଶୁଙ୍କର ବାସସ୍ଥଳୀ । ଏତଦ୍‌ବ୍ୟତୀତ ବାଘ, ଚିତାବାଘ, ସମ୍ବର, ଚିତ୍ରା ହରିଣ, ଉଭୟ ଘରୋଇ ଓ ବିଦେଶାଗତ ପକ୍ଷୀ ପ୍ରଭୃତି ଏଠାରେ ଦେଖାଯାଆନ୍ତି । ସମ୍ବଲପୁର ଏବଂ ବରଗଡଠାରୁ ଏହା ଯଥାକ୍ରମେ ୪୦କି.ମି. ଓ ୬୦ କି.ମି. ଦୂରରେ ଅବସ୍ଥିତ ।

ଲଖାରୀ ବନ୍ୟଜନ୍ତୁ ଅଭୟାରଣ୍ୟ

ଗଜପତି ଜିଲ୍ଲାର ଲଖାରୀ ଜଙ୍ଗଲ ଓଡ଼ିଶାର ଏକ ଅଭୟାରଣ୍ୟ । ଏଠି ହାତୀ ସମେତ ବାଘ, ହରିଣ, ସମ୍ବର, କୁତ୍ରା, ଝିଙ୍କ, ଠେକୁଆ ପ୍ରଭୃତି ବନ୍ୟଜନ୍ତୁ ଦେଖାଯାନ୍ତି । ଏହି ଅଭୟାରଣ୍ୟକୁ ବ୍ରହ୍ମପୁର, ତପ୍ତପାଣି ଏବଂ ଚନ୍ଦ୍ରଗିରିଠାରୁ ଯାଇ ହେବ ।

ଚିଲିକା (ନଳବଣ) ଅଭୟାରଣ୍ୟ

ଓଡ଼ିଶାର ଖୋର୍ଦ୍ଧା, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ବ୍ୟାପିଥିବା ଏକ ଭାରତ ପ୍ରସିଦ୍ଧ ସ୍ଥାନ ହେଉଛି ଚିଲିକା (ନଳବଣ) ଅଭୟାରଣ୍ୟ । ଅଂଶୁପା ଓ ସର ମଧୁରଜଳ ହ୍ରଦ ହୋଇଥିବା ବେଳେ ଚିଲିକା ହେଉଛି ଓଡ଼ିଶାର ସବୁଠାରୁ ବଡ ଓ ଲବଣାକ୍ତ ହ୍ରଦ । ଏଠାରେ ଥିବା ନଳବଣ ବିଦେଶୀ ପକ୍ଷୀମାନଙ୍କ ଶୀତକାଳୀନ ବାସସ୍ଥାନ । ଏମାନେ ହଜାର ହଜାର ମାଇଲ ଭଳି ସୁଦୂର ଉତ୍ତରଗୋଲାର୍ଦ୍ଧ ଓ ସାଇବେରିଆ ଅଞ୍ଚଳରୁ ଆସନ୍ତି । ମାଲୁଦ ଓ ପାରିକୁଦ ଦ୍ୱୀପରେ ଥିବା ମନ୍ଦିର ପର୍ଯ୍ୟଟକଙ୍କ ପାଇଁ ଅନ୍ୟତମ ଆକର୍ଷଣ । ୧୬୭ ପ୍ରକାରର ବା ତଦୁର୍ଦ୍ଧ୍ୱ ପକ୍ଷୀ (ବିଦେଶୀ-୯୪) ଯଥା - ଫ୍ଲେମିଙ୍ଗୋ, ସମୁଦ୍ରଚିଲ, ବିଭିନ୍ନ ପ୍ରକାର ହଂସ, ସାରସ, ହଂସରାଳୀ ଓ ଅନ୍ୟାନ୍ୟ ପକ୍ଷୀ ଏଠି ଦେଖାଯାନ୍ତି । ଏରାବାଡି ଡଲ୍‌ଫିନ୍ ଏଠାରେ ବେଳେବେଳେ ଦେଖାଯାନ୍ତି ।

ବଡରମା ଅଭୟାରଣ୍ୟ

ଓଡ଼ିଶାର ସମ୍ବଲପୁର ଜିଲ୍ଲାର ବାମ୍ରା ବନ୍ୟ ଡିଭିଜନ୍‌ରେ ଏହି ଅଭୟାରଣ୍ୟ ଅବସ୍ଥିତ । ସମ୍ବଲପୁର ସହରଠାରୁ ୬ ନମ୍ବର ଜାତୀୟ ରାଜପଥରେ ଏହାର ଦୂରତା ୪୮କି.ମି । ଏହା ପଶ୍ଚିମ ଓଡ଼ିଶାର ଏକ ଆକର୍ଷଣୀୟ ସ୍ଥାନ । ଏଠାରେ ଚିରସ୍ରୋତା ଝରଣା ପ୍ରବାହମାନ । ବାଘ, ଚିତାବାଘ, ହାତୀ, ହେଟାବାଘ, ବାର୍‌ହା, ହରିଣ, ସମ୍ବର, କୁତ୍ରା ଓ ଅନେକ ପ୍ରକାରର ସରୀସୃପ ଓ ପକ୍ଷୀ ଏଠାରେ ବାସ କରନ୍ତି ।

ସୁନାବେଡା ଅଭୟାରଣ୍ୟ

ସୁନାବେଡା ଅଭୟାରଣ୍ୟ ଓଡ଼ିଶାର ପଶ୍ଚିମକୋଣ, ଛତିଶଗଡ ରାଜ୍ୟର ସୀମା ସନ୍ନିକଟେ ଓ ନୂଆପଡା ଜିଲ୍ଲାରେ ଅବସ୍ଥିତ । ଏହା ୬୦୦ ବର୍ଗ କି.ମି. ଅଞ୍ଚଳରେ ପରିବ୍ୟାପ୍ତ । ୧୧ଟି ସୁନ୍ଦର ଜଳପ୍ରପାତ ଏହାର ଆକର୍ଷଣୀୟକୁ ଦ୍ୱିଗୁଣିତ କରେ । ବାଘ, ଚିତାବାଘ, ହେଟାବାଘ, ହରିଣ, ବାର୍‌ହା, ଚିତ୍ତଳ, ସମ୍ବର ତଥା ବିଭିନ୍ନ ପ୍ରକାର ପକ୍ଷୀ ଏବଂ ସରୀସୃପ ଏଠାରେ ଦେଖାଯାନ୍ତି । ଲୁପ୍ତପ୍ରାୟ ବାରସିଙ୍ଗାମାନଙ୍କ ପ୍ରକୃଷ୍ଟ ବାସସ୍ଥଳୀ ରୂପେ ଏହା ଜଣାଶୁଣା ।

କର୍ଲାପାଟ ଅଭୟାରଣ୍ୟ

ଏହି ଛୋଟ ଅଭୟାରଣ୍ୟଟି କଳାହାଣ୍ଡି ଜିଲ୍ଲା ସଦର ମହକୁମା ଭବାନୀ ପାଟଣା ସହରର ୧୨କି.ମି. ଦୂରରେ ଅବସ୍ଥିତ । ଫୁଲିଝରଣ ନାମରେ ଏକ ସୁନ୍ଦର ଜଳପ୍ରପାତ ଏହା ନିକଟରେ ଅବସ୍ଥିତ । ଏହା ବଣଭୋଜି ପାଇଁ ଗୋଟିଏ ପ୍ରକୃଷ୍ଟ ସ୍ଥାନ ।

ଦୂରଦୂରାନ୍ତରୁ ଲୋକେ ଏଠାକୁ ବଣଭୋଜି କରିବା ପାଇଁ ଆସନ୍ତି । ଏହି ଅଭୟାରଣ୍ୟରେ ଚିତାବାଘ, ସମ୍ବର, ହରିଣ, ମୂଷା ହରିଣ ଏବଂ ବିଭିନ୍ନ ପ୍ରକାର ପକ୍ଷୀ ତଥା ସରୀସୃପ ଦେଖାଯାନ୍ତି ।

ଗହୀରମଥା (ସାମୁଦ୍ରିକ) ଅଭୟାରଣ୍ୟ

ଗହୀରମଥା ଓଡ଼ିଶାର ଏକମାତ୍ର ସାମୁଦ୍ରିକ ଅଭୟାରଣ୍ୟ । ଏହା ମହାନଦୀ ତ୍ରିକୋଣଭୂମି ନିକଟରେ ଅବସ୍ଥିତ । ଏହା ଉତ୍ତର-ପୂର୍ବରେ ଥିବା ନାସି ଦ୍ୱୀପରୁ ଦକ୍ଷିଣ-ପଶ୍ଚିମ ତେଲେଙ୍ଗା ମୁହାଣ ଯାଏ ଲମ୍ବିଛି । ଏହା ସମୁଦ୍ର ଭିତରକୁ ୨୦ କି.ମି ପର୍ଯ୍ୟନ୍ତ ଯାଇଛି ।

ଏ ଅଭୟାରଣ୍ୟକୁ ଅଲିଭ୍ ରିଡ୍‌ଲେ କଇଁଛ, ଡଲଫିନ୍ ଓ ଅନ୍ୟାନ୍ୟ ସାମୁଦ୍ରିକ ଜନ୍ତୁଙ୍କ ସଂରକ୍ଷଣ ପାଇଁ ସୃଷ୍ଟି କରାଯାଇଛି । ବଙ୍ଗୋପସାଗର ଓ ହେନ୍ତାଳବଣକୁ ପୃଥକ କରୁଥିବା ଗହୀରମଥା ବେଳାଭୂମି ଭିତରକନିକାର ପୂର୍ବକୁ ଅବସ୍ଥିତ । ଗହୀରମଥା ଅଲିଭ୍ ରିଡ୍‌ଲେ କଇଁଛମାନଙ୍କ ସର୍ବୋତ୍କୃଷ୍ଟ ଅଣ୍ଡା ଦେବା ସ୍ଥଳୀ ରୂପେ ବିଶ୍ୱ ଦରବାରରେ ପରିଚିତ ।

❖ ❖ ❖